# ରାଜନୈତିକ ଚର୍ଚ୍ଚାରେ ରଙ୍ଗେଇଲୁଣ୍ଡା ବ୍ଲକ

■ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପ୍ରଧାନମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ

■ନବୀନଙ୍କ କୃଷକ ସମାବେଶକୁ ଟକ୍କର ଦେବେ ଧର୍ମେନ୍ଦ୍ର

ବ୍ରହ୍ମପୁର ଅଫିସ,୨୩।୧

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକର ଭଞ୍ଜବିହାର ନିକଟରେ ଆସନ୍ତା ୨୭ ତାରିଖରେ ହେବ କୃଷକ ସମାବେଶ । ଏହି ସରକାରୀ କାର୍ଯ୍ୟକ୍ରମରେ ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ । ଅନ୍ୟପକ୍ଷରେ ଫେବୃୟାରୀ ପ୍ରଥମ ସପ୍ତାହରେ ସେହି ରଙ୍ଗେଇଲୁଣ୍ଡା ବ୍ଲକରେ ହେବ ଭାଜପାର ଦଳୀୟ କାର୍ଯ୍ୟକ୍ରମ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ । ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ରଙ୍ଗେଇଲୁଣ୍ଡା ବ୍ଲକ ସମେତ ଅନ୍ୟ ସ୍ଥାନରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବାର ଆପାତତଃ ସ୍ଥିର ହୋଇଛି । ପୋଲିସ ପକ୍ଷରୁ କ୍ଲିଅରାନ୍ସ ମିଳିବା ପରେ ତାରିଖ ଚୂଡ଼ାନ୍ତ ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି । ତେଣୁ ରାଜନୈତିକ ଚର୍ଚ୍ଚାକୁ ଆସିଛି ରଙ୍ଗେଇଲୁଣ୍ଡା ବ୍ଲକ ।

ଆସନ୍ତା ୨୭ ତାରିଖରେ କୃଷକ ସମାବେଶରେ ନବୀନ ଯୋଗଦେଇ ଲକ୍ଷାଧିକ ଚାଷୀଙ୍କୁ କାଳିଆ ଯୋଜନାର ଉପକାରିତା ନେଇ ବାର୍ତ୍ତା ଦେବେ । ଏହାର ୧୦ ଦିନ ମଧ୍ୟରେ ଫେବୃୟାରୀ ୫ ତାରିଖ ସୁଦ୍ଧା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ଆସି ରଙ୍ଗେଇଲୁଣ୍ଡା ବ୍ଲକର କନିଷି ନିକଟରେ ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଜନ ପରାମର୍ଶ ପଦଯାତ୍ରାରେ ବୁଲିବେ । ତେଣୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ରାଜନୀତି ଉଷ୍ମ ହୋଇଛି ଏବଂ ନବୀନଙ୍କୁ ଧର୍ମେନ୍ଦ୍ର ଟାର୍ଗେଟ କରିବାର ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ ନେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଧର୍ମେନ୍ଦ୍ର ଚିଙ୍କିନିଖି ଆଲୋଚନା ଓ ଅନୁଧ୍ୟାନ କରିବେ ।

ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ସୂଚନାନୁସାରେ କନିଷି ନିକଟରେ ଆଇଜରର ସ୍ଥାୟୀ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବାର ସମ୍ଭାବନା ରହିଛି । ସେହିପରି ଗୋପାଳପୁର ସମୁଦ୍ର ବେଳାରୁ ଦୀଘା ପର୍ଯ୍ୟନ୍ତ ପ୍ରସ୍ତାବିତ କୋଷ୍ଟାଲ ହାଇୱେ, ଗୋଳନ୍ଥରା ନିକଟରେ ବୃହତ୍ତ ତୈଳ ଡିପୋ ଏବଂ ଗୋପାଳପୁର ବନ୍ଦରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଜାହାଜ ଭଙ୍ଗା କାରଖାନା ପାଇଁ ମଧ ମୋଦି ଶୁଭ ଦେବା କାର୍ଯ୍ୟକ୍ରମ ରହିଛି । ଏହା ଯଦି ହୁଏ ଆଗାମୀ ନିର୍ବାଚନରେ ଓଡ଼ିଶାକୁ ଫୋକସ୍ କରିଥିବା ଭାଜପା ଏବଂ ଶାସକ ବିଜେଡି ମଧ୍ୟରେ ରାଜନୈତିକ ଶକ୍ତି ପ୍ରଦର୍ଶନ ହେବା ବୋଲି ଚର୍ଚ୍ଚାକୁ ଆସିଛି ।

## ସଂକ୍ଷେପରେ

### ଚୋରି ବାଇକ୍ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ୍,୨୩।୧:** ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ବୁଧବାର ଏକ ଚୋରି ବାଇକ୍ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ପୁରୁଷୋତ୍ତମପୁର ଥାନା ଖରିଡା ଗ୍ରାମର ରବିତେଜା ସାହୁ ଓରଫ ରବି। ପୁରୀ ଜିଲା ବ୍ରହ୍ମଗିରି ଥାନା ସାହାଜାନ୍ ଗ୍ରାମର ଦୀପକ କୁମାର ସାହୁ ବ୍ରହ୍ମପୁର ଉପକଣ୍ଠରେ ଥିବା କନିଷି ଢାବାରେ କାମ କରୁଥିବା ବେଳେ ତାଙ୍କର ଗ୍ରାହକ ତଥା ଅଭିଯୁକ୍ତ ରବିଙ୍କ ସହିତ ବନ୍ଧୁତ୍ୱ ହୋଇଥିଲା।



ଅକ୍ଟୋବର ୮ ତାରିଖରେ ଦୀପକ ବ୍ରହ୍ମପୁର ଆସିଥିବା ବେଳେ ରବିଙ୍କ ସହିତ ବିଜିପୁର ଛକରେ ଦେଖା ହୋଇଥିଲା । ରବି ୧୦ ମିନିଟ୍‌ରେ ଫେରିବି କହି ଦୀପକଙ୍କ ବୁଲେଟ (ନଂ.ଓଡି୦୭ ଜି ୬୨୨୨) ନେଇ କେଉଁଆଡେ ଚାଲିଯାଇଥିଲେ । ସେବେଠୁ ଆଉ ବୁଲେଟ କିମ୍ବା ରବିଙ୍କ ପତ୍ତା ମିଳି ନ ଥିଲା। ଗତ ୧୪ ତାରିଖରେ ଦୀପକ ଏ ନେଇ ବ୍ରହ୍ମପୁର ଟାଉନ୍ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ.୭/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରାଯିବା ସହ ବୁଲେଟକୁ ଜବତ କରାଯାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି।

### ରୋଲିଂ ବିଶ୍ୱରେକର୍ଡରେ ଭାଗନେବେ ବ୍ରହ୍ମପୁର ସ୍କେଟର



**ବ୍ରହ୍ମପୁର ଅଫିସ୍,୨୩।୧:** ମହାରାଷ୍ଟ୍ର ସ୍କେଟିଂ କୋଚ୍ ଗ୍ରୁପ୍ ତରଫରୁ ଆସନ୍ତା ୨୬ ଏବଂ ୨୭ ତାରିଖରେ ନାଗପୁରଠାରେ ଅଧିକ ସମୟ ପର୍ଯ୍ୟନ୍ତ ସ୍କେଟିଂ କରି ନୂତନ ବିଶ୍ୱ ରେକର୍ଡ଼ ସୃଷ୍ଟି କରିବାକୁ ଉଦ୍ୟମ କରାଯିବ। ଏଥିରେ ଦେଶର ବିଭିନ୍ନ ଅଞ୍ଚଳର ସ୍କେଟର୍‌ମାନେ ଭାଗ ନେବେ। ବ୍ରହ୍ମପୁର ସିଟି ରୋଲର୍ ସ୍କେଟିଂ ଏକାଡ଼େମୀର ସ୍କେଟର୍‌ମାନେ ମଧ ଏଥିରେ ସାମିଲ୍ ହୋଇଛନ୍ତି । କୋଚ୍ ବି.ରମେଶଙ୍କ ତତ୍ତ୍ୱାବଧାନରେ ୭ ଖେଳାଳି ବୁଧବାର ନାଗପୁର ଯାତ୍ରା କରିଛନ୍ତି । ସେମାନେ ହେଲେ ପି.ସାଇ ଶୁଭଙ୍କର, ଶୁଭମ୍ ପାଣିଗ୍ରାହୀ, ଅଙ୍କିତା ପାତ୍ର, ଶିବ ଶଙ୍କର ରେଡ୍ଡୀ, ନିତେଶ କୁମାର ବେହେରା, ଏସ୍.ସଦଗୁଣ ଏବଂ ପି.ସ୍ୱରୂପା। ଏମାନଙ୍କୁ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ନେତାଜୀ ସାରସ୍ୱତ ମଞ୍ଚର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

ବ୍ରହ୍ମପୁର ଅଫିସ,୨୩।୧

ଗଞ୍ଜାମ ଜିଲା ବିକାଶ ମଞ୍ଚର ସାହିତ୍ୟ ବିଭାଗ ନେତାଜୀ ସାରସ୍ୱତ ମଞ୍ଚର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ନେତାଜୀ ସାରସ୍ୱତ ମଞ୍ଚର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ରମାରମଣ ପାଢୀ ମୁଖ୍ୟଅତିଥି, ଓଡିଆ ଭାଷା ସାହିତ୍ୟର ଅଧ୍ୟାପକ ଡ. ହୃଷୀକେଶ ପଣ୍ଡା ମୁଖ୍ୟବକ୍ତା, ଶିକ୍ଷକନେତା ତଥା ଗଞ୍ଜାମ ଜିଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବର୍ତ୍ତମାନର ସାହିତ୍ୟିକ ଧାରା ଓ ଓଡିଆ ସାହିତ୍ୟର ସୀମା ଓ ସମ୍ଭାବନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ କବିତା କ୍ଷେତ୍ରରେ କବୟିତ୍ରୀ ଶର୍ମିଷ୍ଠା ପାଣିଗ୍ରାହୀ, ଗଳ୍ପ ସଂରଞ୍ଜନାରେ ଶାଶ୍ୱତ ମିଶ୍ର, ପ୍ରବନ୍ଧ ତଥା ସମାଲୋଚନା କ୍ଷେତ୍ରରେ ଡ. ମନୋରଞ୍ଜନ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ.ବନମାଳୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ନଳିନୀକାନ୍ତ ଗୌଡ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଦିଲୀପ କୁମାର ଚୌଧୁରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ. ସୂଚନା ପାଢୀ ଧନ୍ୟବାଦ ଦେଇଥିଲେ । ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ଡା. ଚନ୍ଦ୍ରମଣି ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମଞ୍ଚର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢୀ ଓ ନୀଳକଣ୍ଠ ସାହୁ ସଂଯୋଜନା କରିଥିଲେ । ଏଥିରେ ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ, କବି ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ଭାରତୀ ପାତ୍ର, ଅବନୀକୁମାର ଗୟାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ଦୀପରୁ ନିଆଁ ଲାଗି ବୃଦ୍ଧା ମୃତ

ବ୍ରହ୍ମପୁର ଅଫିସ୍,୨୩।୧

କୋଦଳା ଥାନା ତଳରାମପାଲି ଗ୍ରାମରେ ଦୀପରୁ ନିଆଁ ଲାଗି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ମୁକ୍ତା ଲେଙ୍କା (୯୦) । ମଙ୍ଗଳବାର ଭୋରରେ ମୁକ୍ତା ଘରେ ଦୀପ ଧରି ଯାଉଥିଲେ। ଅସାବଧାନତାରୁ ଦୀପ ନିଆଁ ତାଙ୍କ ଲୁଗାରେ ଲାଗିଯାଇଥିଲା । ଫଳରେ ମୁକ୍ତା ପୋଡି ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା । ଶରୀରର ୯୦ ପ୍ରତିଶତ ଅଂଶ ଜଳିଯାଇଥିବାରୁ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୩୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ।

### ଗାଡ଼ି ଧକ୍କାରେ ଜଣେ ମୃତ

ବ୍ରହ୍ମପୁର ଅଫିସ୍,୨୩।୧

ପୋଲସରା ଥାନା ସିଂହାସନୀ ମନ୍ଦିର ନିକଟ ବଡ଼ତଇଲ ଛକରେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବି.ଇଚ୍ଛାପୁର ଗ୍ରାମର କାହ୍ନୁଚରଣ ନାୟକ (୫୦) । ମଙ୍ଗଳବାର ଅପରାହ୍ନରେ କାହ୍ନୁ ନିଜ ଗାଁକୁ ଫେରୁଥିବା ବେଳେ ବଡତଇଲ ଛକରେ କୌଣସି ଏକ ଗାଡି ଧକ୍କାଦେଇ ପଳାଇ ଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ । ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ କାହ୍ନୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବୈଦ୍ୟନାଥପୁର ଥାନାରେ (ନଂ.୩୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ଅଟୋ ସହ ୧୫ କେଜି ଗଞ୍ଜେଇ ଜବତ

# ବଙ୍ଗୀୟ ଯୁବତୀଙ୍କ ସମେତ ୪ ଗିରଫ



ଜବତ ହୋଇଥିବା ଗଞ୍ଜେଇ ବ୍ୟାଗ ସହ ଗିରଫ ଅଭିଯୁକ୍ତମାନେ।

ବ୍ରହ୍ମପୁର ଅଫିସ୍,୨୩।୧

ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭଦ୍ରାଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ଓ ଜିଲା ଭ୍ରାମ୍ୟମାଣ ସଂସ୍ଥା ପକ୍ଷରୁ ବୁଧବାର ଡେଙ୍ଗାପଦର ଗ୍ରାମ ଛକରେ ଚଢ଼ାଉ କରାଯାଇ ଏକ ଅଟୋରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ଉକ୍ତ ଅଟୋକୁ ମଧ୍ୟ ପୋଲିସ ଜବତ କରିଛି । ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ବଙ୍ଗୀୟ ଯୁବତୀଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ମହେନ୍ଦ୍ର ଯାଦବ, ମିତା ଭଟ୍ଟାଚାର୍ଯ୍ୟ, ବି.ଚିତ୍ରସେନ, ମନୋଜ ସାଓ । ଅଟୋ (ନଂ.ଓଡି୦୭ଇ ୫୪୮୮)ରେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଡେଙ୍ଗାପଦର ଗ୍ରାମ ଛକରେ ଚଢାଉ କରାଯାଇଥିଲା। ଅଟୋ ଯାଞ୍ଚ ବେଳେ ସେଥିରୁ ଅଭିଯୁକ୍ତ ମାନଙ୍କର ୩ଟି ବ୍ୟାଗ୍‌ରେ ଥିବା ୧୫ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଅବକାରୀ ନିରୀକ୍ଷକ ଅଭିରାମ ବେହେରା, ସୁଶାନ୍ତ ପାଢୀ, ରୋଶନ ଇଶୁ ହାଂସଦା, ଧିରେନ୍ ବେହେରା, ବାଳକ ବିଶି, ଉତ୍ତମ ପଣ୍ଡା ପ୍ରମୁଖ ଚଢ଼ାଉ କରିଥିଲେ ।

୨୭ରୁ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ଚାମ୍ପିୟନଶିପ

# ଭାଗନେବାକୁ ୪ ଖେଳାଳିଙ୍କ ରାଜସ୍ଥାନ ଗସ୍ତ



ଖେଳାଳିଙ୍କ ସହ କ୍ରୀଡା ପରିଷଦର ସମ୍ପାଦକ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୨୩।୧

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ଚାମ୍ପିୟନଶିପ ରାଜସ୍ଥାନ ଜେଆରଏନ ବିଦ୍ୟାପୀଠ ପରିସରରେ ଆସନ୍ତା ୨୭ରୁ ୩୧ ପର୍ଯ୍ୟନ୍ତ ଚାଲିବ । ଏହି ଚାମ୍ପିୟନଶିପରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଖେଳାଳି ଚୟନ ଶେଷ ହୋଇଛି। ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଆୟୋଜିତ ଶିବିରରେ ବ୍ରହ୍ମପୁର ସିଟି କଲେଜର ଗୌରୀ ପଣ୍ଡା, ପୂଜା ପାଣ୍ଡି, ଖେମୁଣ୍ଡି କଲେଜର ଭାରତୀ ସାହୁ, ବୁଗୁଡା ପିପୁଲସ୍ କଲେଜର ପୁଷ୍ପଲତା ଗୌଡ ପ୍ରମୁଖଙ୍କୁ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ କରାଯାଇଛି। ବୁଧବାର ଏମାନେ ରାଜସ୍ଥାନ ଗସ୍ତ କରିଛନ୍ତି। ଖେମୁଣ୍ଡି କଲେଜର ପିଇଟି ଏସ. ସୀତାରାମ ମୂର୍ତ୍ତି ମ୍ୟାନେଜର ତଥା କୋଚ ଭାବେ ଦଳ ସହ ଗସ୍ତ କରିଥିବା କ୍ରୀଡା ପରିଷଦ ପକ୍ଷରୁ କୁହାଯାଇଛି। କ୍ରୀଡା ପରିଷଦ ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ, ସହକାରୀ ସମ୍ପାଦକ ରାଜେଶ କୁମାର ମହାନ୍ତି, ପିଜି ବିଭାଗର ଫିଜିକାଲ ଏଜୁକେଶନ ଅଫିସର ରବି ଚରଣ ମିଶ୍ର, ଦୁଷ୍ମନ୍ତ କୁମାର ପାଢୀ, କବିରାଜ ଗୌଡ, ମନୋରମା ମହାରଣା, ଏସ. କ୍ରୀଷ୍ଣା ରେଡ୍ଡୀ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସଦ୍‌ଭାବନା ସଙ୍ଗମ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୩।୧

ନୂଆଦିଲ୍ଲୀସ୍ଥିତ ରାଜୀବଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ବ୍ରହ୍ମପୁର ସରକାରୀ ପଲିଟେକନିକ ସମ୍ମିଳନୀ କକ୍ଷରେ ବୁଧବାର ସଦଭାବନା ସଙ୍ଗମ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜୀବ ଗାନ୍ଧୀ ଫାଉଣ୍ଡେଶନର ମୁଖ୍ୟ ବିଜୟ ମହାଜନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସମ୍ବିଧାନିକ ବ୍ୟବସ୍ଥା ଓ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ । ସମ୍ବିଧାନ ଅନୁସାରେ ଭାରତରେ ଜାତି, ଧର୍ମ ମଧ୍ୟରେ ରହିଥିବା ବିଭେଦତାକୁ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତର ଏକତା ଓ ଅଖଣ୍ଡତା, ଧର୍ମ ଓ ଜାତି ମଧ୍ୟରେ ସମାନତାକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଯୁବକମାନେ ସମ୍ବିଧାନିକ ବ୍ୟବସ୍ଥା ସହ ଜଡିତ ରହିବା ସହ ସମ୍ବିଧାନର ଗୁରୁତ୍ୱକୁ ଉପଲବ୍ଧି କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକୁ ସଦଭାବନା ସହ କରିବାକୁ ଆହ୍ୱାନ ଦିଆଯାଇଥିଲା । ଫାଉଣ୍ଡେଶନର ସଦସ୍ୟ ଯୁବରାଜ କାଲିଆ, ପ୍ରଫେସର ରଘୁନାଥ ପାଢୀ ଶର୍ମାଙ୍କ ସମେତ ଡା. ପି.ସି ସାହୁ, ଇଂ. ରାଜାସୁରେଶ ରବି ରଥ, ୱାଏସଡିର ବିଭୂ ପ୍ରସାଦ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଲକାନଗିରି, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ, ବରଗଡ ଜିଲାର ବିଭିନ୍ନ ଏନଜିଓର କର୍ମକର୍ତ୍ତା ଯୋଗଦେଇଥିଲେ ।

# ବ୍ରହ୍ମପୁରରେ ନେତାଜୀ ଜୟନ୍ତୀ

ବ୍ରହ୍ମପୁର ଅଫିସ,୨୩।୧

ବ୍ରହ୍ମପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ନେତାଜୀ ସାରସ୍ୱତ ମଞ୍ଚ, ସଂସ୍କାରବାଦୀ, ମାନବଅଧିକାର ସୁରକ୍ଷା ମଞ୍ଚ, ମହାନ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଯୁବ ବିଜେଡି ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ପିଭିଏନ ରାଓ ପେଟ୍ରୋଲପମ୍ପ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବପିଢୀଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି ଡିଏସଓ(ଅଲ ଇଣ୍ଡିଆ ଡେମୋକ୍ରେଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ) ପକ୍ଷରୁ ମଧ ନେତାଜୀ ଜୟନ୍ତୀ ପାଳିତ ହୋଇଥିଲା । ପୂର୍ବାହ୍ନରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ସନ୍ଧ୍ୟାରେ ରାମଲିଙ୍ଗମ ଟେମ୍ପୁଲ ରୋଡ ପାର୍ଶ୍ୱରେ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଏଥିରେ ନେତାଜୀଙ୍କ ଜୀବନାଦର୍ଶ ଉପରେ ଯୁବବର୍ଗଙ୍କୁ ସଚେତନ କରାଯାଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସଙ୍ଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସଙ୍ଗଠନର ରାଜ୍ୟ ସମ୍ପାଦକ ସୋମନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ ଜୟନ୍ତୀପାଳନ କରାଯାଇଥିବା ବେଳେ ମହାନଗରର ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ଗେଷ୍ଟହାଉସ ପରିସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।




ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ବେଳେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

■ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

# ଶିକ୍ଷାନୁଷ୍ଠାନରେ ଗବେଷଣାକୁ ଗୁରୁତ୍ୱ ମିଳୁ

ବ୍ରହ୍ମପୁର ଅଫିସ୍,୨୩।୧

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କେତେକ ଦୁର୍ବଳତା ରହିଛି। ଯଦ୍ଦ୍ୱାରା ଛାତ୍ରୀଛାତ୍ରମାନେ ଥିଓରିରେ ଭଲ କରୁଥିବା ବେଳେ ପ୍ରାକ୍ଟିକାଲ୍‌ରେ ଭଲ କରିପାରୁ ନାହାନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକର ଛାତ୍ରୀଛାତ୍ରମାନେ ପ୍ରାକ୍ଟିକାଲ୍‌ରେ ଭଲ ଜ୍ଞାନ ରଖୁଛନ୍ତି। ସେଠାରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷଣାକୁ ଗୁରୁତ୍ୱ ଦିଆଯାଉଛି। ଭାରତରେ ମଧ ଶିକ୍ଷାନୁଷ୍ଠାନଗୁଡ଼ିକ ନୂତନ ଗବେଷଣାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଆଇଏସ୍ଇଆର୍)ର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର୍. ଚେରି ପ୍ରକାଶ କରିଛନ୍ତି । ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଜାତୀୟସ୍ତରୀୟ କର୍ମଶାଳା 'ଦକ୍ଷତା ସାଧନ, ସହନୀୟ ଏବଂ ଜଗତୀକରଣ' ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଦେଶ ସ୍ୱାଧୀନ ସମୟରେ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା, ଏକବିଂଶ ଶତାବ୍ଦିରେ ଏଥିରେ ବିରାଟ ପରିବର୍ତ୍ତନ ଆସିଛି । ଆହୁରି ସକାରାତ୍ମକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଆମ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଭିତରେ ବିଜ୍ଞାନ ଚେତନାର ବିକାଶ ଦିଗରେ ଠୋସ୍ ପଦକ୍ଷେପ ନିଆଯାଉନାହିଁ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧିକରୁ ଅଧିକ କର୍ମଶାଳା, ଆଲୋଚନା ଚକ୍ର ଆୟୋଜନ ସହ ଅନୁସନ୍ଧାନ ଏବଂ ଗବେଷଣା ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ବିଗତ କିଛି ମାସ ହେଲା ଏଦିଗରେ କାର୍ଯ୍ୟ କରୁଛି । ଏହି ଶିକ୍ଷାନୁଷ୍ଠାନରେ କଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ, ଅନେକ ଅଞ୍ଚଳରୁ ଅଧ୍ୟାପକମାନେ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନର ଅଧ୍ୟାପକଙ୍କୁ ଅତିଥି ଅଧ୍ୟାପକ ଭାବେ ନିୟୋଜିତ କଲେ, ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହୋଇପାରିବ। କେବଳ ଶ୍ରେଣୀ କକ୍ଷ ଭିତରେ ଶିକ୍ଷାଦାନକୁ ସୀମିତ ନ ରଖି, ଏହାକୁ ବ୍ୟାପକ କରିବା ଆବଶ୍ୟକ ବୋଲି ପ୍ରଫେସର ଚେରି ପ୍ରକାଶ କରିଥିଲେ ।

ଦୁଇଦିନିଆ ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ଇସ୍ରୋର ପୂର୍ବତନ ନିର୍ଦ୍ଦେଶକ ଡ. ବିଜନ ଦାସ ଯୋଗଦେଇଥିଲେ। କୁଳସଚିବ କିଶୋର ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜେ. ପାଣିଗ୍ରାହୀ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ସଂପର୍କିତ ସୂଚନା ଦେଇଥିଲେ। ଡ. ମନୋଜ କୁମାର ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଡ. ଏମ୍.ଆର୍. ମିଶ୍ର କର୍ମଶାଳା ସମ୍ପର୍କରେ ସୂଚନା ଦେଇଥିଲେ । ଡ. ଡି.କେ. ଉପାଧ୍ୟାୟ ଆଇସିଡବ୍ଲୁଏ ସଂପର୍କରେ କହିଥିଲେ । ଡ. ଜେ. ସାହୁ ଧନ୍ୟବାଦ ଦେଇଥିଲେ ।




ମଞ୍ଚାସୀନ ଅତିଥି ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ।

## ସଂକ୍ଷେପରେ

### ଶିକ୍ଷକ ସଂଘର ବନ୍ଧୁମିଳନ

**ବ୍ରହ୍ମପୁର ଅଫିସ,୨୩।୧:** ଏଲିମେଣ୍ଟାରୀ ଶିକ୍ଷକ ସଂଘ, ବ୍ରହ୍ମପୁର ଶାଖାର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରାଜେଶ କୁମାର ତାରିଣୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ମୁଖ୍ୟବକ୍ତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ରାମନାରାୟଣ କଲେଜ ଡୁରାର ପୂର୍ବତନ ଅଧ୍ୟକ୍ଷ ବନମାଳୀ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅବନୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସୀମାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର କ୍ୟାଲେଣ୍ଡର ଉନ୍ମୋଚନ ହୋଇଥିଲା । ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ସଂଘ ପକ୍ଷରୁ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ସଭାପତି ତାରିଣୀ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ ସରକାର ଶିକ୍ଷକଙ୍କ ସମସ୍ୟା ଦୂରିକରଣ ପାଇଁ ଯଥାସମ୍ଭବ ଚେଷ୍ଟାକରୁଥିବା ମୁଖ୍ୟଅତିଥି ସୂଚାଇଥିଲେ । ବନ୍ଧୁମିଳନରେ ଗଞ୍ଜାମ ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ଶିକ୍ଷକ ନେତା ଯୋଗଦେଇଥିଲେ । ଜୟସେନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ନରସିଂହ ପାଢ଼ୀ, ମମତା ପାଣିଗ୍ରାହୀ, ବିଭୂତି ପଣ୍ଡା, ସୁଧାଂଶୁ ପଟ୍ଟନାୟକ, କେ. ଆନନ୍ଦ ରାଓ, ତାରା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଚିକିଟି,୨୩।୧(ଡି.ଏନ.ଏ.):** ରାଜ୍ୟ ଯୋଜନା, ସଂଯୋଜନା ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଉଷା ଦେବୀ ବୁଧବାର ମଧ୍ୟାହ୍ନରେ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ବ୍ଲକର କଳବାଡ ପଞ୍ଚାୟତର ପାଣ୍ଡ୍ରି ଗ୍ରାମରେ ହୋଇଥିବା କୋଠାଘର, ଖରଖରିଆ ଗ୍ରାମରେ ହୋଇଥିବା ୨ଟି ଅଙ୍ଗନାୱାଡି ଗୃହ, ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଏବଂ କୋଠାଘର ଆଦି ଉଦ୍‌ଘାଟନ କରିଥିବା ବେଳେ ତିଲାଡି ଗ୍ରାମରେ ହେବାକୁ ଥିବା କଲ୍ୟାଣ ମଣ୍ଡପ, ବଡବଡଙ୍ଗା ଗ୍ରାମରେ ହନୁମାନଙ୍କ ପ୍ରତିମୂର୍ତ୍ତି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଏମ୍ ପଦ୍ମା, ଉପାଧ୍ୟକ୍ଷା ସସ୍ମୀତା ପଣ୍ଡା, ସରପଞ୍ଚ ସଞ୍ଜୁ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏମ୍ ନାଗରାଜ୍, ବିଜେଡି ଯୁବନେତା ସୁରେନ୍ଦ୍ର ମଣ୍ଡଳ, ଯୁବ ବିଜେଡିର ସଭାପତି ସଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟାମନ୍ଦିରରେ ନେତାଜୀ ଜୟନ୍ତୀ

**ଆସିକା,୨୩।୧(ଡି.ଏନ.ଏ.):** ଆସିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିକାଶ ସମିତିର ବିଭାଗ ପ୍ରମୁଖ ତ୍ରିନାଥ ଗୌଡ, ପୂର୍ବତନ ସଭାପତି ବନମାଳି ସାମନ୍ତରା, ପ୍ରଧାନାଚାର୍ଯ୍ୟ ଅଟଳ ଲିଙ୍ଗରାଜ, ଅନିତା ପ୍ରଧାନ ପ୍ରମୁଖ ଦେଶ ସ୍ୱାଧୀନତାରେ ଏହି ବୀର ଯୋଦ୍ଧାଙ୍କ ତ୍ୟାଗପୂତ ବଳିଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଛାତ୍ରୀଛାତ୍ର ଦେଶ ପ୍ରେମରେ ଉଦବୃଦ୍ଧ ହେବା ଲାଗି ପରାମର୍ଶ ଦେଇଥିଲେ ।

### ଶିକ୍ଷକ ସୌରଭ ସମ୍ମାନ ସମାରୋହ

**ବୁଗୁଡ଼ା,୨୩।୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଶିକ୍ଷକ ଭବନରେ ବୁଧବାର ଶିକ୍ଷକ ସୌରଭ ସମ୍ମାନ ସମାରୋହ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ହରେକୃଷ୍ଣ ପାତ୍ର, ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଦାଶ ଓ ରାମଚନ୍ଦ୍ର ସାହୁଙ୍କୁ ଶିକ୍ଷକ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁରେଶ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ଅନନ୍ତ କର ବିବରଣୀ ପାଠ କରିଥିଲେ ।

# ତିତ୍‌ଲି କ୍ଷତିପୂରଣକୁ ନେଇ ଆର୍‌ଆଇଙ୍କୁ ମାଡ଼

■୩ଜଣଙ୍କ ନାଁରେ ଏତଲା
■ଆର୍‌ଆଇଙ୍କ ବିରୋଧରେ ଅସଦ୍‌ବ୍ୟବହାର ଅଭିଯୋଗ

**କାଶୀନଗର, ୨୩।୧(ଡି.ଏନ.ଏ.)**

ତିତ୍‌ଲି କ୍ଷତିପୂରଣ ଟଙ୍କାକୁ ନେଇ ଗଜପତି ଜିଲା କାଶୀନଗର ବ୍ଲକ ଖାରଡା ପଞ୍ଚାୟତର ରାଜସ୍ୱ ନିରୀକ୍ଷକ(ଆର୍.ଆଇ) ଗୋବିନ୍ଦ ପାତ୍ରଙ୍କୁ ୩ଜଣ ବ୍ୟକ୍ତି ମାଡ ମାରିଥିବା ଅଭିଯୋଗ ହୋଇଛି । ଏନେଇ ପାତ୍ର କାଶୀନଗର ଥାନାରେ ଏତଲା ଦେଇଛନ୍ତି । ସେହିପରି ଅପରପକ୍ଷରୁ ମଧ୍ୟ ରାଜସ୍ୱ ନିରୀକ୍ଷକ ପାତ୍ରଙ୍କ ବିରୋଧରେ ଏକ ଏତଲା ଦିଆଯାଇଛି । ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ପୋଲିସ ଅନୁସନ୍ଧାନ ଜାରି ରଖିଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୨ଟାରେ ରାଜସ୍ୱ ନିରୀକ୍ଷକ ପାତ୍ର ହାଡୁବାଙ୍ଗି ପଞ୍ଚାୟତର ବିସ୍ତଲା ଗ୍ରାମ ଛକରେ ଥିଲେ । ଏହି ସମୟରେ ଖାରଡା ପଞ୍ଚାୟତ ତାଡବା ଗ୍ରାମର ଲୁଡିଆ ମଣ୍ଡଳ, ଏଣ୍ଡ୍ରିୟ ଗମାଙ୍ଗ ଏବଂ ଏଲିୟ ଗମାଙ୍ଗ ସେଠାରେ ପହଞ୍ଚି ତାଙ୍କୁ 'ଆମର ତିତ୍‌ଲି ବାତ୍ୟା କ୍ଷତିପୂରଣ ଟଙ୍କା କାହିଁକି କମ୍ ମିଳିଛି' ବୋଲି ପଚାରିବା ସହ ହଠାତ୍ ମାଡ ମାରିଥିଲେ । ସେହିପରି ରାଜସ୍ୱ ନିରୀକ୍ଷକ ପାତ୍ର ତାଙ୍କୁ ଅସଦ ବ୍ୟବହାର କରିଥିବା ଅପରପକ୍ଷର ଲୁଡିଆ ମଣ୍ଡଳ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ କେସ୍ ନଂ. ୬/୧୯ ଏବଂ ୭/୧୯ କ୍ରମେ ପୃଥକ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ବୁଧବାର ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ । ତଦନ୍ତ ଚାଲିଛି । ଆର୍‌ଆଇଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତମାନେ ଫେରାର ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ରଞ୍ଜିତ କୁମାର ମୁନି କହିଛନ୍ତି ।

## ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ମଞ୍ଚାସୀନ ଅତିଥିବୃନ୍ଦ ।

**ଚିକିଟି,୨୩।୧(ଡି.ଏନ.ଏ.)**

ଚିକିଟି ବ୍ଲକ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟ ପରିସରରେ ୧୮ ଓ ୧୯ ତାରିଖରେ ଚାଲିଥିବା ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ରଘୁନାଥ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି ଦୁଇଦିନିଆ କ୍ରୀଡା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ ମହାବିଦ୍ୟାୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଉତ୍ସବକୁ ଟିକରପଡା ଗ୍ରାମସ୍ଥିତ ସୁନ୍ଦରମା ଉଚ୍ଚବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁବାଶ ଚନ୍ଦ୍ର ମିଶ୍ର ଓ ଗୌଡଗାଁ ଉଚ୍ଚବିଦ୍ୟାଳୟର କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ଗୌଡ ପରିଚାଳନା କରିଥିଲେ । ସେହିପରି ସେଣ୍ଟଜାଭିୟର ସ୍କୁଲ୍‌ର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ସ୍କୁଲ୍‌ର ନିର୍ଦ୍ଦେଶକ ହରିଶ ପାଢ଼ୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସେଣ୍ଟ ଜାଭିୟର ମ୍ୟାନେଜର ଉମା ପାଢୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ଆମ ପୋଲିସ ସମିତିର ବକ୍ତୃତା ପ୍ରତିଯୋଗିତା

**ସୋରଡା,୨୩।୧(ଡି.ଏନ୍.ଏ.)**

ଆମ ପୋଲିସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବୈଷୟିକ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷକ କାଳୀଚରଣ ପ୍ରଧାନ, ସମାଜସେବୀ ଲମ୍ବୋଧର ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଆଇ ଅହଲ୍ୟା ମହାରଣା, ଅଧ୍ୟକ୍ଷ ଅନୀଲ ଦାଶ, ଅଧ୍ୟାପିକା ଉଷାରାଣୀ ସାବତ, ରାଜେଶ ପାତ୍ର, ଶିକ୍ଷକ ରାଧାମୋହନ ସାହୁ, ସନ୍ତୋଷ ସ୍ୱାଇଁ, ସୁରେଶ ବଳିଆରସିଂ, ଅଚ୍ୟୁତାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ୩ଟି ସ୍ତର ଯଥା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ତରୀରେ ପ୍ରତିଯୋଗୀ ଚୟନ ହୋଇଛନ୍ତି । ସ୍ଥାନୀୟ ସମସ୍ତ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗୀଙ୍କୁ ଆମ ପୋଲିସ ସମିତି ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ।

## ଗଞ୍ଜାମ ଜିଲା ରଜକ ସମାଜର ନିର୍ବାଚନ ସଭା

**ଚିକିଟି,୨୩।୧(ଡି.ଏନ.ଏ.)**

ଚିକିଟି ବ୍ଲକ ମା' ରତ୍ନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅପରାହ୍ନରେ ଗଞ୍ଜାମ ଜିଲା ରଜକ ସମାଜର ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ବିଜେଡିର ଉପସଭାପତି ଅରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଦର୍ଶନ ପଣ୍ଡା ଯୋଗଦେଇଥିଲେ । ସଭାରେ ବିବାହ ରେଜିଷ୍ଟ୍ରେସନ୍ ବାଧ୍ୟତାମୂଳକ, ଯୌତୁକ ପ୍ରଥାର ବିଲୋପ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ଗଞ୍ଜାମ ଜିଲା ରଜକ ସମିତିର ନୂତନ ସଭାପତି ବାଲ୍ମିକୀ ସେଠୀ, ଉପସଭାପତି ନରସିଂହ ସେଠୀ, ଚିତ୍ରସେନ୍ ସେଠୀ, ସମ୍ପାଦକ ପଦ୍ମନାଭ ସେଠୀ, କୋଷାଧ୍ୟକ ଭାବେ ବିଭୂଭୂଷଣ ସେଠୀଙ୍କୁ ମନୋନୀତ କରାଯାଇଥିଲା । ସଭାରେ ଗଞ୍ଜାମ ଜିଲା ୧୮ଟି ତାଲୁକାର ରଜକମାନେ ଉପସ୍ଥିତ ଥିଲେ । ଶେଷରେ ରଜକ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଶେରଗଡ,୨୩।୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ପଦ୍ମପୁର ଗ୍ରାମ ନିକଟରେ ଥିବା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତିରଞ୍ଜନ ବେହେରା ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀ ସୁଲତା କୁମାରୀ ଚୌଧୁରୀ ଓ ଅତିଥି କ୍ରିଡ଼ା ଅଧ୍ୟାପକ ସୁଧାଂଶୁ ମୋହନ ପ୍ରଧାନଙ୍କ ସଂଯୋଜନାରେ କ୍ରୀଡ଼ା ହୋଇଥିଲା । ଜୁନିୟର ଓ ସିନିୟର ୨ ଟି ବିଭାଗ କରାଯାଇ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଦୁଇଟି ବିଭାଗରୁ ୧୮ଟି ପ୍ରଥମ,୧୮ଟି ଦ୍ୱତୀୟ ଓ୧୮ଟି ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ଶ୍ରୀଧର



ସୁନୀଲ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ସମ୍ମିଳନୀ

**ସୋରଡା,୨୩।୧(ଡି.ଏନ.ଏ.)**

ବ୍ଲକ କଂଗ୍ରେସ କମିଟି ଆୟୋଜନରେ ବଡକୋଳି ମନ୍ଦିର ପରିସରରେ ୨୦୧୯ ନିର୍ବାଚନ ପ୍ରସ୍ତୁତି ପାଇଁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାସ୍ତରୀୟ ନେତୃବୃନ୍ଦମାନେ ଯୋଗ ଦେଇ କଂଗ୍ରେସକୁ ପ୍ରାଥମିକ ସ୍ତରରୁ ସଙ୍ଗଠନକୁ ମଜବୁତ୍ କରିବାକୁ ପରାମର୍ଶ ଦେଇଥିଲେ । ଏକ ବିକଶିତ ଅଞ୍ଚଳ ଗଠନ ପାଇଁ କଂଗ୍ରେସ ଦଳ ସର୍ବଦା ପ୍ରୟାସ ଜାରି ରଖିଛି । କାର୍ଯ୍ୟଶୈଳୀ, ରୂପାୟନ, ଦକ୍ଷତା ଥିବା ଏହି ଦଳ ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସର୍ବଦା ରହି ଆସିଛି ବୋଲି ନେତାମାନେ କହିଥିଲେ । ରାଜ୍ୟରେ ବର୍ତ୍ତମାନ ପରିବର୍ତ୍ତନର ସମୟ ଆସିଛି । ତେଣୁ ସାମୂହିକ ଭାବେ ତୃଣମୂଳ ସ୍ତରରୁ ସଚେତନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ଡ. ତ୍ରିନାଥ ବେହେରା, ଉପସଭାପତି ପୀତବାସ ପଣ୍ଡା, ଏସ୍‌ସିସେଲ ଅଧ୍ୟକ୍ଷ ଭୋକୁଲି ସେଠୀ, କୃଷକ ସେଲର ବୃନ୍ଦାବନ ଖଟେଇ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ପ୍ରମୁଖ ଜିଲାସ୍ତରରୁ ଯୋଗ ଦେଇଥିବା ବେଳେ ବ୍ଲକର ୪ଟି ଜିଲା ପରିଷଦ ଜୋନର ସଭାପତି କବିରାଜ ସ୍ୱାଇଁ, ବନମାଳି ସ୍ୱାଇଁ, ଦିଲୀପ ସୁଆର, ବୁଦ୍ଧଦେବ ମଲ୍ଲିକ, ଯୁବନେତା ଦତ୍ତାତ୍ରେୟ ବେହେରା, ବରିଷ୍ଠ ନେତା ବିଜୟ ପ୍ରଧାନ, ପ୍ରକାଶ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କଂଗ୍ରେସ ନେତାମାନେ ମିଳିତ ଭାବେ ସାଙ୍ଗଠନିକ କାର୍ଯ୍ୟରେ ଅଗ୍ରସର ହେବାକୁ ନିଷ୍ପତ୍ତି ହୋଇଥିଲା ।

## ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ପାତ୍ରପୁର,୨୩।୧(ଡି.ଏନ୍.ଏ.)**

ପାତ୍ରପୁର ମାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମାନଙ୍କୁ ନେଇ ୨୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ କରୁଣାକର ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ କେଦାରନାଥ ଅଧିକାରୀ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟର ସଭାପତି ବିଜୟ କୁମାର ନାୟକ ଦୀପ ପ୍ରଜ୍ୱଳନ କରିଥିଲେ । ଶିଶୁ ମନ୍ଦିରର ସମ୍ପାଦକ ସିଏଚ୍. ଲକ୍ଷ୍ମଣ ରାଓ ଆଚାରୀ ସୁବାଷଙ୍କ ଜୀବନ କାହାଣୀ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ଅର୍ଚ୍ଚନା ମହାନ୍ତି, ଗୁରୁମାଙ୍କ ସମେତ ଗୁରୁଜୀ ଓ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।

## ମା' ଭରାଣ୍ଡି ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ

**ପୋଲସରା,୨୩।୧(ଡି.ଏନ.ଏ.)**

ପୋଲସରା ବ୍ଲକ ମନ୍ଦାର ପଞ୍ଚାୟତ ସ୍ଥିତ ମନ୍ଦାର ଗ୍ରାମରେ ଥିବା ମା' ଭରାଣ୍ଡି ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟା, ସୁରେନ୍ଦ୍ର ପ୍ରଧାନ, ଅଶୋକ ବିଶୋୟୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ମନ୍ଦାରସ୍ଥିତ ମା ଭରାଣ୍ଡି ଶିଶୁ ମନ୍ଦିରର ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହକୁ ବିଧାୟକ ସାହୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଓ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।



କୃତୀ ଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି ।

# ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ, ଜୟନ୍ତୀ ପାଳିତ

**ଶେରଗଡ଼/ ରାଇକିଆ,୨୩।୧(ଡି.ଏନ.ଏ.)**

ଶେରଗଡ଼ ବିଦ୍ୟୁତ୍ ସେକ୍‌ଶନରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ସହ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବିଡିଓ ସୁରଞ୍ଜନ ସାହୁ, ତହସିଲଦାର ଡ.ଦୟାସିନ୍ଧୁ ପରିଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ହୃଷୀକେଶ ପାଢ଼ୀ, ହୀନ ବେହେରା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.ଅରୁଣ କୁମାର, ବ୍ରହ୍ମପୁର ବିଦ୍ୟୁତ୍ ସର୍କଲର ସାଧାରଣ ପରିଚାଳକ ଲେଙ୍କା ପ୍ରସାଦ, ସହକାରୀ ଯନ୍ତ୍ରୀ ହୃଷୀକେଶ ପଟ୍ଟନାୟକ ଯନ୍ତ୍ରୀ ଜେ ଦିଲେଶ୍ୱର ଆଚାରୀ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ସହ ମାନପତ୍ର ପ୍ରଦାନ କରଥିଲେ । ସେହିପରି ମହାତ୍ମାଗାନ୍ଧୀ ଉଚ୍ଚବିଦ୍ୟାଳୟ, ଶେରଗଡ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପାଟପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚ ବଦ୍ୟାଳୟରେ ନେତାଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ପୁରସ୍କୃତ କରାଯାଇଥିଲା ।

ରାଇକିଆ ବିଜୟ ହାଇସ୍କୁଲରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ନେତାଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱାଧିନତା ସଂଗ୍ରାମରେ ନେତାଜୀଙ୍କ ଯୋଗଦାନ ଏବଂ ଅବଦାନଙ୍କୁ ମନେପକାଯିବା ସହ ତାଙ୍କ ବୀରତ୍ୱର କହାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ ।



ଶେରଗଡରେ ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ନେତା ଓ ଅଧିକାରୀମାନେ ।

## ସଂକ୍ଷେପରେ

### ଟ୍ୟୁଶନକୁ ଆସି ଛାତ୍ର ନିଖୋଜ



ଭଞ୍ଜନଗର,୨୩।୧(ଡି.ଏନ.ଏ.)- ଭଞ୍ଜନଗର ଥାନା ରାଜକୁଣ୍ଡର ଶ୍ରୀମନ୍ତ ପ୍ରଧାନ ମଙ୍ଗଳବାର ସକାଳୁ ନିଖୋଜ ଅଛନ୍ତି। ସେ ଲାଲସିଂ ହାଇସ୍କୁଲରେ ପାଠ ପଢୁଛନ୍ତି। ସକାଳେ ଟ୍ୟୁଶନ ଯାଉଛି କହି ଶ୍ରୀମନ୍ତ ଲଣ୍ଡେଇସାହି ଆସିଥିଲେ। ଏହାପରେ ଆଉ ଘରକୁ ଫେରିନାହାନ୍ତି। ପରିବାର ଲୋକେ ଖୋଜାଖୋଜି କରିବା ପରେ ଶ୍ରୀମନ୍ତଙ୍କ କୌଣସି ଖୋଜଖବର ନ ପାଇ ବାପା ଭଣ୍ଡାରି ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫/୧୯ରେ ଏକ ନିଖୋଜ ମାମଲା ରୁଜୁ କରିଛି। ଶ୍ରୀମନ୍ତ ଘଟଣା ଦିନ ଟ୍ୟୁସନକୁ ଯାଇନାହାନ୍ତି। ତାଙ୍କ ପାଖରେ ଥିବା ମୋବାଇଲ ଫୋନଟି ମଧ ବନ୍ଦ ଥିବା ଜଣାପଡିଛି। ଫଳରେ ପରିବାର ଲୋକେ ଏବେ ବହୁ ଆଶା ଆଶଙ୍କାରେ ରହିଛନ୍ତି।

### ନେତାଜୀ ଜୟନ୍ତୀ

ଛତ୍ରପୁର,୨୩।୧(ଡି.ଏନ୍.ଏ.)- ଛତ୍ରପୁର କ୍ରାନ୍ତି ଯୁବ ଛାତ୍ର ସଂଘ, ଯୁବ ସଂଘ ଓ କଂଗ୍ରେସ ପକ୍ଷରୁ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା । ଛତ୍ରପୁର ନଗର କଂଗ୍ରେସ ସଭାପତି ଜଲାଲ୍ ଖାନ୍ , ଛତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବଛାତ୍ର ସଭାପତି ବଳିଆ ବେହେରା, ଛତ୍ରପୁର କଲେଜ ପୂର୍ବତନ ଛାତ୍ର ସଂସଦ ସଭାପତି ସୁବୋଧ କୁମାର ସ୍ୱାଇଁ, କୁନାଲ ସାସମାଲ, ଦୀପକ ରାଉଳ, ମହେଶ ଗୌଡ, ଅଭିଷେକ ପଟ୍ଟନାୟକ, ରାଜୁ ରେଡ୍ଡି, ଜ୍ୟୋର୍ତିମୟ ଶତପଥୀ ଓ ସଞ୍ଜୀବ ସ୍ୱାଇଁ ଉପସ୍ଥିତ ଥିଲେ ।

### ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବାଲିଗୁଡା,୨୩।୧(ଡି.ଏନ.ଏ.)- ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମହୋତ୍ସବ ବାଲିଗୁଡା ଓ ଏହାର ଆଖପାଖଅଞ୍ଚଳରେ ଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି । ଏହି ଅବସରରେ ଟାଉନର ନୂଆସାହି ସ୍ଥିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହୋତ୍ସବ ପାଳନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ସେହିପରି ବାଲିଗୁଡା ବ୍ଲକ ଅଧୀନ ସିପାଞ୍ଜିରି ଉନ୍ନିତ ଉଚ୍ଚ ବିଦ୍ୟାଳୟ ଓ ହାଇସ୍କୁଲ ପରିସରରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ପଣ୍ଡା ଅଧକ୍ଷତା କରି ନେତାଜୀଙ୍କ ଓ ସୁରେନ୍ଦ୍ର ସାଏଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରିବା ସହ ତାଙ୍କ ଦେଶପ୍ରେମ ଜୀବନୀ ଉପରେ କହିଥିଲେ । ରଜନୀକାନ୍ତ ଦାଶ, ପବିତ୍ର ମୋହନ ପାଢୀ, ଦୟାନିଧି ମହାରଣା, ବଂଶୀଧର ପଣ୍ଡା, ପ୍ରକାଶ ଚନ୍ଦ୍ର ମହାରଣା, ବିଜୟ କୁମାର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଗର୍ଭବତୀ, ଯୁବକ ଅଟକ

ତୁମୁଡିବନ୍ଧ (ଡି.ଏନ୍.ଏ) - କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଗୁମା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଓ ଗର୍ଭପାତ ପାଇଁ ସମ୍ପୃକ୍ତ ଯୁବକ ଔଷଧ ଆଣିଦେବାପରେ ତାକୁ ଖାଇ ଗୁରୁତର ହେବା ପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏନେଇ ମଙ୍ଗଳବାର ଥାନାରେ ଅଭିଯୋଗ ପରେ ବୁଧବାର ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ନାବାଳିକା ୩ମାସ ଗର୍ଭବତୀ ଥିବା ନେଇ ତାଙ୍କ ସହ ସମ୍ପର୍କ ରଖିଥିବା ଯୁବକଙ୍କୁ ଜଣାଇଥିଲେ। ଯୁବକ ଜଣକ ଗର୍ଭପାତ କରିବା ପାଇଁ କିଛି ଔଷଧ ଆଣି ଦେଇଥିଲେ। ତାକୁ ଖାଇବାପରେ ନାବାଳିକା ଗୁରୁତର ହୋଇ ପଡିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ତୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ରାତିରେ ବାଲିଗୁଡା ଡାକ୍ତରଖାନାକୁ ପଠାଯାଇଥିଲା। ତୁମୁଡିବନ୍ଧ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡ. ଗୁରୁପଦ ମିଶ୍ର କହିଛନ୍ତି, ନାବାଳିକା ୩ମାସ ଗର୍ଭ ହେବାପରେ ଗର୍ଭପାତ ପାଇଁ ଔଷଧ ଖାଇ ଗୁରୁତର ହୋଇଛନ୍ତି। ଏନେଇ ଥାନାକୁ ଜଣାଇ ଦିଆଯାଇଛି।

## ସରିଲା ୨ ଦିନିଆ ସମରାଭ୍ୟାସ

# ଡମି ଆତଙ୍କବାଦୀ ଠାବ

ଛତ୍ରପୁର,୨୩।୧(ଡି.ଏନ.ଏ)

ଗଞ୍ଜାମ ପୋଲିସ ଜିଲା ଅଧୀନ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପକ୍ଷରୁ ୨ ଦିନ ଧରିଚାଲିଥିବା ସମରାଭ୍ୟାସ ବୁଧବାର ଶେଷ ହୋଇଛି । ଡମି ଆତଙ୍କବାଦୀଙ୍କୁ ବୁଧବାର ପୋଲିସ ପକ୍ଷରୁ ଠାବ କରାଯାଇଛି । ଗଞ୍ଜାମ ବ୍ଲକ ପ୍ରୟାଗୀ ଠାରୁ ବନ୍ଦର ପର୍ଯ୍ୟନ୍ତ ସମୁଦ୍ର, ସମୁଦ୍ର ତଟ ଓ ଏହାକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ସମରାଭ୍ୟାସ କରାଯାଇଥିଲା । ଡିଏସପି କେଶବ ଚନ୍ଦ୍ର ବେହେରା, ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଆଇଆଇସି ବିଶ୍ୱଜ କୁମାର ରାଉତରାୟଏହାର ମନିଟରିଂ କରିଥିଲେ। ଜଣେ ଇନ୍ସପେକ୍ଟର, ୫ ଏଏସଆଇ, ୭ ହାବିଲଦାର ଏଥିରେ ସାମିଲ ଥିବା ବେଳେ ସମୁଦ୍ର ତଟରେ ୪୦ ପୋଲିସ କନଷ୍ଟେବଳ ଓ ସିପାହୀ ମୁତୟନ ହୋଇଥିଲେ । ସମୁଦ୍ର ଉପରେ ନଜର ରଖାଯାଉଥିବା ବେଳେ ସମୁଦ୍ର ତଟକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନିକଟ ପାଲୁର, ହୁମ୍ମା, ଆଇଆରଇ ଛକ, ଡୁଗୁଲୁ ଛକ, ପୁରୁଣା ଛତ୍ରପୁର ଛକଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ପ୍ରତିବର୍ଷ ୨ ଥର ଏପରି ସମରାଭ୍ୟାସ କରାଯାଉଛି। ସମୁଦ୍ର ପଥ ଦେଇ ଆତଙ୍କବାଦୀ ପ୍ରବେଶକୁ ରୋକିବା ଏହାର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ୨୦୦୮ରେ ସମୁଦ୍ରପଥ ଦେଇ ଆତଙ୍କବାଦୀମାନେ ଆସି ବମ୍ବେର ତାଜ ହୋଟେଲ ଓ ସ୍ଥାନୀୟ ଅନ୍ୟ ହୋଟେଲରେଥିବା ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିଥିଲେ । ଏହାପରେ ଆର୍ଯ୍ୟପଲ୍ଲୀରେ ମେରାଇନ ଥାନା ପ୍ରତିଷ୍ଠା କରାଯିବା ସହ ଏହି ସମରାଭ୍ୟାସ କରାଯାଉଛି।



ସମୁଦ୍ର ଉପରେ ନଜର ରଖାଯାଉଛି ।





# ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କନିଷି,୨୩।୧(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବୁଧବାର ଗୋଳାବନ୍ଧ ପଞ୍ଚାୟତ ଧବଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତି ବୁଥ୍‌ର ସମସ୍ତ କାର୍ଯ୍ୟକର୍ତ୍ତା, ଶକ୍ତିକେନ୍ଦ୍ର ପ୍ରମୁଖ, ମଣ୍ଡଳ ସଭାପତି ପଦାଧିକାରୀମାନେ ଯୋଗଦେଇ ଥିଲେ। ଆଗାମୀ ନିର୍ବାଚନରେ ପ୍ରତି ବୁଥ୍‌ରେ ଭାଜପାକୁ ମଜଭୁତ କରି ବିପୁଳ ସଂଖ୍ୟାରେ ବିଜୟ ଲାଭ କରିବା ନେଇ କାର୍ଯ୍ୟକର୍ତ୍ତାଙ୍କୁ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା କହିଥିଲେ । ପରେ ବଡ଼କୁସ୍ତୁଲୀ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଦୈତାରୀ ସେଠୀ ଭାଜପାରେ ଯୋଗଦେଇଥିବାରୁ ପାର୍ଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ଜିଲା ସଭାପତି କାହ୍ନୁ ଚରଣ ପତି, ବିନୋଦ ଚନ୍ଦ୍ର ମିଶ୍ର, ଗଙ୍ଗାଧର ଶତପଥୀ, ରାଜେଶ ସାହୁ, ବଷ୍ଟି ସାହୁ, ସନତ କୁମାର ନାୟକ, ସୁନୀଲ ପାତ୍ର, ରଜତ କୁମାର ପଣ୍ଡିତ, ସମୀର ବ୍ରହ୍ମା, ଅମର ଜେନାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ଚିନି ଶିଳ୍ପରେ ଆରମ୍ଭ ହେଲା ଆଖୁପେଡ଼ା

ଆସିକା,୨୩।୧(ଡି.ଏନ୍.ଏ.)

ଆସିକା ସମବାୟ ଚିନିଶିଳ୍ପର ଚଳିତ ବର୍ଷର ଆଖୁପେଡା ବୁଧବାର ଆରମ୍ଭ ହୋଇଛି। ମଧ୍ୟାହ୍ନରେ ଆଖୁନାଇ ନିକଟରେ କାରଖାନା ପକ୍ଷରୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ପରେ ଆଖୁ ନାଳିରେ ଆଖୁ ପକାଯାଇଥିଲା। ବିଧିବଦ୍ଧ ଭାବେ ଏହି ଆଖୁପେଡା ଆରମ୍ଭ କରାଯାଇଥିଲେ ମଧ ସ୍ୱାଭାବିକ ଭାବେ ଚଳିତ ମାସ ୨୭ ବା ୨୮ ତାରିଖରୁ କରିବା ଲାଗି କାରଖାନା ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ସୂଚନା ଦେଇଛନ୍ତି। ଚଳିତ ବର୍ଷ କାରଖାନା ପକ୍ଷରୁ କାରାଖାନର ପରିସରଭୁକ୍ତ ଜିଲାର ବିଭିନ୍ନ ଅଞ୍ଚଳରେ ୪ହଜାର ୨ଶହ ଏକର ଜମିରେ ଆଖୁଚାଷ କରାଯାଇଛି। ଏଥିରୁ ସମୁଦାୟ ୯୦ ହଜାର ଟନ୍ ଆଖୁ ଅମଳ ହେବ। ସେଥି ମଧ୍ୟରୁ ୧୦ ହଜାର ଟନ୍ ବିହନ ଲାଗି ରଖାଯିବା ପରେ ୮୦ ହଜାର ଟନ୍ ଚଳିତ ବର୍ଷ ପେଡିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବା ପରିଚାଳକ ଭଗବାନ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବରୁ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆଖୁପେଡା ହୋଇ ଆସୁଥିବାବେଳେ ବର୍ତ୍ତମାନ ବିଳମ୍ବ ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।



ଆଖୁପେଡ଼ା ଲାଗି ପୂଜାର୍ଚ୍ଚନା କରାଯାଉଛି।

# ପରୀକ୍ଷାମୂଳକ ଭାବେ ଆରମ୍ଭ ହେଲା ଆହାର କେନ୍ଦ୍ର

ଜି.ଉଦୟଗିରି,୨୩।୧(ଡି.ଏନ.ଏ.)

ଜି.ଉଦୟଗିରିରେ ଏଣିକି ୫ ଟଙ୍କାରେ ମିଳିବ ଭାତ ଡାଲମା। ବୁଧବାର ତହସିଲ ନିକଟରେ ଖୋଲିଥିବା ଆହାର କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଖୋଲାଯାଇ ୧୦୦ ଲୋକଙ୍କ ପାଇଁ ଆହାର ଭାତ ଡ଼ାଲମା ବ୍ୟବସ୍ଥା କରାଯାଇ ଥିଲା। ୧ ଶହ ଲୋକଙ୍କ ପାଇଁ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ପୂର୍ବାହ୍ନ ୧୧ରେ ଟିକେଟ ବିକ୍ରି ଆରମ୍ଭ କରାଯାଇଥିବା ବେଳେ ୧୨ଟା ବେଳକୁ ଆହାର କେନ୍ଦ୍ରର ୧୦୦ ଟିକେଟର ଖାଦ୍ୟ ସରି ଯାଇଥିଲା। ତେଣୁ ୨୩ରୁ ୨୫ ପର୍ଯ୍ୟନ୍ତ ଶହେ ଲୋକଙ୍କ ପାଇଁ ପରୀକ୍ଷାମୂଳକ ଭାବେ ଆହାର ବ୍ୟବସ୍ଥା କରାଯିବା ପାଇଁ ସ୍ଥିର କରାଯାଇଥିଲା। ୨୬ ତାରିଖରୁ ୩୦୦ ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ରହିବ ବୋଲି ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ରାଜ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ବାଇଧର ଗୌଡ଼ କହିଛନ୍ତି।

# ହାଇୱା ଧକ୍କାରେ ମହିଳା ମୃତ

ଛତ୍ରପୁର,୨୩।୧(ଡି.ଏନ.ଏ)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ମାଲୁଦ ଛକ ରାସ୍ତା ପାର୍ଶ୍ୱରେ ବୁଧବାର ଛିଡା ହୋଇଥିବା ଦମ୍ପତିଙ୍କୁ ଏକ ହାଇୱା ଧକ୍କା ଦେବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ଦମ୍ପତି କୃଷ୍ଣପ୍ରସାଦ ଥାନା ସାମନ୍ତରାପୁର ଗାଁର ଗୁଣ୍ଡିଚା ପ୍ରଧାନ ଓ ତାଙ୍କ ସ୍ତ୍ରୀ ରଶ୍ମିତାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏଠାରେ ରଶ୍ମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁଣ୍ଡିଚାଙ୍କ ଚିକିତ୍ସା ଚାଲିଛି । ମାଲୁଦରୁ ନିଜ ଗାଁ ସାମନ୍ତରାପୁରକୁ ବାଇକରେ ଯିବାକୁ ମାଲୁଦ ଛକ ରାସ୍ତା ପାର୍ଶ୍ୱରେ ଗୁଣ୍ଡିଚା ଓ ରଶ୍ମିତା ଛିଡା ହୋଇଥିଲେ। ଏହି ସମୟରେ ହାଇୱା (ନଂ.ଓଡି ୦୭ଆର୍ ୫୮୫୯) ଉଭୟଙ୍କୁ ଧକ୍କା ଦେଇଥିଲା । ଛତ୍ରପୁର ଥାନା ପୋଲିସ ପକ୍ଷରୁ ଏ ନେଇ ଏକ ମାମଲା (ନଂ.୧/୧୯) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ କୃଷ୍ଣପ୍ରସାଦ ପୋଲିସ ଜବତ କରିଛି।

# ପାଚିକା ସହାୟିକା ସଂଘର ବିକ୍ଷୋଭ





ପାଚିକାମାନେ ରାଲିରେ ଯାଉଛନ୍ତି।

ଫୁଲବାଣୀ ଅଫିସ, ୨୩।୧

ବିଭିନ୍ନ ସମସ୍ୟା ନେଇ ପାଚିକା, ସହାୟିକା ସଂଘ କୋଟଗଡ ପକ୍ଷରୁ ଫୁଲବାଣୀରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆମ୍ଭେମାନେ ବିଦ୍ୟାଳୟରେ ମଧାହ୍ନ ଭୋଜନ ପ୍ରସ୍ତୁତ କରି ସୂଚାରୁ ରୂପେ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପରିବେଷଣ କରୁଛୁ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ପାରିଶ୍ରମିକ ମାତ୍ର ୧୪ଶହ ଟଙ୍କା ମିଳୁଛି। ଯାହା ନିଜ ପରିବାର ଚଳାଇବା, ପିଲା ଛୁଆଙ୍କ ପାଠପଢ଼ା, ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାରେ ଅସମ୍ଭବ ହୋଇପଡ଼ୁଛି । ଏଣୁ ଏସବୁ ସମସ୍ୟାର ସମାଧାନ କରି ଆମକୁ ମାସିକ ୧୮ ହଜାର ଟଙ୍କା, ଚାକିରି ନିୟମିତ କରିବା, ଗ୍ରୀଷ୍ମ ଅବକାଶ ଛୁଟିରେ ପାରିଶ୍ରମିକ ପ୍ରଦାନ, ଭବିଷ୍ୟନିଧି ପାଣ୍ଠି ଏବଂ ପେନସନ୍ ଲାଗୁ କରିବା ପାଇଁ ସଂଘ ସଭାପତି ପ୍ରମିଳା ମହାରଣା, ସମ୍ପାଦକ ସୁନୀତା ମଲ୍ଲିକ, ଲକ୍ଷ୍ମୀପ୍ରିୟା ପରିଡା ପ୍ରମୁଖ ପ୍ରକାଶ କରିଛନ୍ତି ।

# ଜିଲାସ୍ତରୀୟ ରକ୍ତଦାନ ଶିବିର, ୧୦୪ ୟୁନିଟ ରକ୍ତ ସଂଗ୍ରହ

ପୋଲସରା,୨୩।୧(ଡି.ଏନ.ଏ.)

ପୋଲସରା ସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବିଜୁ ଯୁବବାହିନୀ ପକ୍ଷରୁ ଜିଲାସ୍ତରୀୟ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଟି ବ୍ଲକର ବିଜୁ ଯୁବ ବାହିନୀର ସଦସ୍ୟମାନେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ମୋଟ ୧୦୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମରେ ବିଡିଓ ଶମ୍ଭୁନାଥ ନନ୍ଦୀ, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଶୋୟୀ, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ବ୍ଲକର ବିଜୁ ଯୁବ ବାହିନୀର ସଭାପତିଙ୍କ ସମେତ ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ ଓ ବିଜେଡିର ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।



ବିଜୁ ଯୁବବାହିନୀର କର୍ମକର୍ତ୍ତା ରକ୍ତଦାନ କରୁଛନ୍ତି।

## ନେତାଜୀ ଜୟନ୍ତୀ ପାଳିତ

# କ୍ଷୀରରେ ଧୋଇଲେ ନେତାଜୀଙ୍କ ପ୍ରତିମୂର୍ତ୍ତି

ଫୁଲବାଣୀ ଅଫିସ, ୨୩।୧

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଫୁଲବାଣୀରେ ପାଳିତ ହୋଇଯାଇଛି । ସ୍ଥାନୀୟ ଏଫସିଆଇ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ଛାତ୍ରୀଛାତ୍ରମାନେ କ୍ଷୀରରେ ଧୋଇବା ପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ସଂଯୋଜକ ବିକାଶ କୁମାର ନାୟକ ଏହି ଅବସରରେ ଉପସ୍ଥିତ ରହି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବଦ୍ରିନାଥ କହଁର, ପୀତବାସ ଗୁଣ୍ଡୁରୀମାଜି, ଛାତ୍ରୀ ନେତ୍ରୀ ମନୀଷା ଦାସ, ରଜତ ମହାପାତ୍ର, ସୌମ୍ୟରଞ୍ଜନ ଡାକୁଆ, ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସୋସିଆଲ ମିଡିଆରେ ପ୍ରଚାର ପରେ ବିଡିଓଙ୍କ ହସ୍ତକ୍ଷେପ

# ଅପରିଚିତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଗଲା

ହିଞ୍ଜିଳିକାଟୁ,୨୩।୧(ଡି.ଏନ୍.ଏ.)

ଜଣେ ଅପରିଚିତ ବୃଦ୍ଧଙ୍କୁ ଅଧିକ ଚିକିତ୍ସାରେ ଆବଶ୍ୟକ ଥିବାବେଳେ ପାଖରେ କୌଣସି ସହାୟକ ନଥିବାରୁ ଚିକିତ୍ସା ହୋଇପାରୁ ନଥିଲେ। ଏ ନେଇ ସୋସିଆଲ ମିଡ଼ିଆରେ ପ୍ରଚାର ପରେ ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର ସରକାରୀ ସହାୟତା ସହ ବ୍ଲକର ଜଣେ କର୍ମଚାରୀଙ୍କୁ ନିୟୋଜିତ କରି ବୃଦ୍ଧଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଗତ ସୋମବାର ଅପରାହ୍ନରେ ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ଗ୍ରାମ ଛକରେ ଜଣେ ଅପରିଚିତ ବୃଦ୍ଧ ରାସ୍ତା କଡ଼ରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ବୃଦ୍ଧଙ୍କ ଅଧିକ ଚିକିତ୍ସା ଆବଶ୍ୟକ ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ବୃଦ୍ଧଙ୍କର କେହି ସମ୍ପର୍କୀୟ ନ ଥିବାରୁ ତାଙ୍କୁ ପଠାଯାଇପାରିଲା ନାହିଁ। ଏ ନେଇ ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ପ୍ରଚାର ପରେ ବିଡିଓ ପାତ୍ର ବୁଧବାର ଅପରାହ୍ନରେ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରି ବ୍ଲକ ଅଫିସର ଜଣେ କର୍ମଚାରୀଙ୍କୁ ଉକ୍ତ ବ୍ୟକ୍ତିଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସହାୟତାରେ ବୃଦ୍ଧଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।



ହିଞ୍ଜିଳିକାଟୁ ଡାକ୍ତରଖାନା ପରିସରରେ ପଡ଼ିରହିଥିବା ଅସହାୟ ବୃଦ୍ଧ ।

### ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

ପାତ୍ରପୁର,୨୩।୧(ଡି.ଏନ.ଏ)

ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ତାଡ଼କାସାହିରେ ବୁଧବାର ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷ୍ମୀକାନ୍ତ ବିଷୋୟୀଙ୍କ ଧାନ, ଚାଉଳ ସହ ଆସବାବପତ୍ର ଜଳିଯାଇଛି। ପାତ୍ରପୁର ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ। ଗ୍ୟାସ ଟାଙ୍କି ବଦଳାଇ ନୂଆ ଟାଙ୍କି ସଂଯୋଗ କରି ଗ୍ୟାସ ଲଗାଇବା ବେଳେ ହଠାତ ନିଆଁ ଲାଗି ଯାଇଥିଲା।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ